# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 MAY– 2026**

## ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୧୯ତମ ରୋଜଗାର ମେଳାରେ ଦେଶବ୍ୟାପୀ ୪୭ଟି କେନ୍ଦ୍ରରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଆଭାସୀ ଜରିଆରେ ପୂର୍ବାହ୍ଣ ୧୧ଟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେବେ। ରେଳ, ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ଓ ଉଚ୍ଚଶିକ୍ଷା ବିଭାଗ ସହିତ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ଚୟନ ହୋଇଥିବା ଯୁବକଯୁବତୀଙ୍କୁ ଏହି ନିଯୁକ୍ତିପତ୍ର ବଣ୍ଟନ କରାଯିବ। ବର୍ତ୍ତମାନ ସୁଦ୍ଧା ୧୮ଟି ରୋଜଗାରମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିବା ଜଣାପଡିଛି।

## ଐତିହାସିକ ସ୍ଥାନ ସଂରକ୍ଷଣ

ରାଜ୍ୟର ପ୍ରମୁଖ ଐତିହ୍ୟ କୀର୍ତ୍ତିରାଜି, ସ୍ଥାପତ୍ୟ, ମନ୍ଦିର ଏବଂ ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ ଲକ୍ଷ୍ୟ ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଆଇ.ଆଇ.ଟି. ଖଡ଼ଗପୁର ଏବଂ ଭୋପାଳର ସ୍କୁଲ ଅଫ୍ ପ୍ଲାନିଙ୍ଗ୍ ଆଣ୍ଡ୍ ଆର୍କିଟେକଚର୍ ମଧ୍ୟରେ ଏକ ଅଣ ଆର୍ଥିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା

୮୨ଟି ଏବଂ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ୨୧୨ଟି କୀର୍ତ୍ତିରାଜିର ବିକାଶ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଶ୍ରୀ ସୁରଜ ଆଶାବ୍ୟକ୍ତ କରିଛନ୍ତି।

## ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ସର୍କିଟ୍ ହାଉସଗୁଡ଼ିକର ସୁପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଉନ୍ନତ ସେବାକୁ ସୁନିଶ୍ଚିତ କରିବାକୁ ରାଜସ୍ୱ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ି ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରଠାରେ ଗତକାଲି ଡକ୍ଟର ପାଢ଼ିଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନାଗତ ସ୍ୱଚ୍ଛତା, ଉନ୍ନତମାନର ସେବା, ଆର୍ଥିକ ଶୃଙ୍ଖଳା ଏବଂ ସ୍ୱଚ୍ଛ ବୁକିଂ ପ୍ରକ୍ରିୟା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

## ପାର୍କ ପ୍ରତିଷ୍ଠା

କଟକ-ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ହସ୍ତତନ୍ତ କେନ୍ଦ୍ର ଏବଂ ପାର୍କ ପ୍ରତିଷ୍ଠା ପାଇଁ ସରକାର ପକ୍ଷରୁ ବିଚାର ବିମର୍ଶ ଆରମ୍ଭ ହୋଇଛି। ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଛି। କଟକ ଜିଲ୍ଲାର ଅଭିମାନପୁର, ବରଗଡ଼ର ଗୋବିନ୍ଦପୁର ମୌଜା, ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ପରୀକ୍ଷଣ ଘାଟିରେ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୧ର ସାନ୍ଧ୍ୟକାଳୀନ ପରୀକ୍ଷଣ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ–ଡି.ଆର୍.ଡି.ଓ. ପକ୍ଷରୁ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ସହଯୋଗରେ ଏହି ପରୀକ୍ଷା କରାଯାଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ପରୀକ୍ଷାର ସମସ୍ତ ମାନଦଣ୍ଡ ସଫଳତାର ସହ ସମ୍ପନ୍ନ କରିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

# ଜ୍ଞାନ ଭାରତମ୍ ମିଶନ

ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ରାଜ୍ୟର ପାଣ୍ଡୁଲିପି, ତାଳପତ୍ର ପୋଥି ଏବଂ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସର୍ଭେ ଓ ଦସ୍ତାବିଜ୍‌କରଣ କାର୍ଯ୍ୟ ଜାରି ରହିଛି। 'ଜ୍ଞାନ ଭାରତମ୍ ମିଶନ୍' ଆପ୍ ମାଧ୍ୟମରେ  ସେଗୁଡ଼ିକର ପଞ୍ଜୀକରଣ ପାଇଁ ପରାମର୍ଶ ଦିଆଯାଇଛି। କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ସଂରକ୍ଷିତ ଥିବା ଏହିସବୁ  ବିରଳ ସଂଗ୍ରହଗୁଡ଼ିକର ପଞ୍ଜୀକରଣ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ସିଏଚ୍‌ଏସ୍‌ଇ–ମାର୍କସିଟ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ- ସି.ଏଚ୍.ଏସ୍.ଇ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରଦାନ କରାଯିବାକୁ ଥିବା ମାର୍କସିଟ୍ ତ୍ରୁଟି ଶୂନ୍ୟ ରହିବ ବୋଲି ପରିଷଦ କହିଛି। ଡିଜିଟାଲ ମାର୍କସିଟ୍‌ରେ ରହିଥିବା ତ୍ରୁଟି ପରିପ୍ରେକ୍ଷୀରେ ପରିଷଦ ପକ୍ଷରୁ ଏହା କୁହାଯାଇଛି। ବୈଷୟିକ କାରଣ ଯୋଗୁଁ ଏହି ତ୍ରୁଟି ରହିଥିବା ପରିଷଦ ସ୍ପଷ୍ଟ କରିଛି। ଏ ନେଇ ସମସ୍ତ କନିଷ୍ଠ ମହାବିଦ୍ୟାଳୟଠାରୁ ରିପୋର୍ଟ ମଗାଯାଇଛି। ପରୀକ୍ଷା ଖାତାର ପୁନଃମୂଲ୍ୟାଙ୍କନ ସଂକ୍ରାନ୍ତ ବିଜ୍ଞପ୍ତି ଆସନ୍ତା ସୋମବାର ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲା ପରିଷଦ ବୈଠକ

କନ୍ଧମାଳ ଜିଲ୍ଲା ପରିଷଦର ଅଷ୍ଟମ ଅଧିବେଶନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ, ଗ୍ରାମୀଣ ଆବାସ ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାର ସ୍ଥିତି ନେଇ ସମୀକ୍ଷା କରାଯାଇଛି।

# ଅବକାରୀ ବିଭାଗ ଚଢ଼ଉ

କେନ୍ଦ୍ରାପଡ଼ା ସଦର, ନିକିରେଇ, ରାଜନଗର, ତାଳଚୁଆ ମେରେଇନ୍ ଏବଂ ମାର୍ଶଘାଇ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଗତକାଲି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ମୋଟ୍ ୧ ହଜାର ୭୩୭ ଲିଟର ମଦ ଜବତ କରାଯିବା ସହ ୮ ଜଣଙ୍କୁ ଗିରଫ କରାଯାଇଥିବା ଜିଲ୍ଲା ଅବକାରୀ ବିଭାଗ ସୂଚନା ଦେଇଛି।

## ସଫେଇ କାର୍ଯ୍ୟ

ଦେଶବ୍ୟାପୀ ଜାରି ରହିଥିବା ଜନଭାଗିଦାରୀ ଅଭିଯାନ 'ସବୁଠାରୁ ଦୂରରେ ସର୍ବପ୍ରଥମ' ଅଧୀନରେ କଟକ ଜିଲ୍ଲାର ଆଠଗଡ଼ ବ୍ଲକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନପ୍ରତିନିଧି, ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇ ରାସ୍ତାଘାଟ, ସାର୍ବଜନୀନ ସ୍ଥାନ, ହସ୍ପିଟାଲ ଆଦିର ସଫେଇ କାର୍ଯ୍ୟ କରିଥିଲେ।

## କଇଁଛ ଦିବସ

ପରିବେଶ ସଂରକ୍ଷଣ ଦିଗରେ କଇଁଛଙ୍କର ଭୂମିକା ଏବଂ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱ କଇଁଛ ଦିବସ ପାଳନ କରାଯାଉଛି। ୨୦୦୦ ମସିହାରୁ ଏହି ଦିବସ ମଇ ମାସ ୨୩ ତାରିଖରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏକ ଗଣନାରୁ ଜଣାପଡ଼ିଛି ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତି କଇଁଛ ବିଲୁପ୍ତ ସ୍ଥିତିକୁ ଆସିସାରିଲେଣି। ରାଜ୍ୟରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

### ପାଣିପାଗ

ଓଡ଼ିଶା ଓ ନିକଟବର୍ତ୍ତୀ ଅଂଚଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସପ୍ତାହକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର କେତେକ ଅଂଚଳରେ ବର୍ଷା ହୋଇପାରେ।

ଅନ୍ୟପକ୍ଷରେ, ରାଜ୍ୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।